# NATIONAL NEWS BULLETIN (ODIA)

**7 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଭାରତ ଏବଂ ମାଳଦୀପର ସଂପର୍କ ବହୁ ପୁରୁଣା ଏବଂ ଭାରତ ମାଳଦୀପର ସବୁଠାରୁ ନିକଟତର ବୋଲି  କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ମାଓବାଦ ସହ ଜଡ଼ିତ ଯୁବକମାନଙ୍କୁ ଅସ୍ତ୍ରଶସ୍ତ୍ର ପରିତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବାକୁ ଆହ୍ୱାନ ଦେଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

- ସାର୍ବଜନୀନ ପଦବୀରେ ଆଜି ୨୩ ବର୍ଷ ପୂରଣ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଶୁଭେଚ୍ଛା ଜଣାଇଲେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା

- ଆସନ୍ତାକାଲି ହରିଆଣା ଏବଂ ଜାମ୍ମୁକାଶ୍ମୀର ବିଧାନସଭା ନିର୍ବାଚନ ନିମନ୍ତେ ହେବ ଭୋଟ୍ ଗଣତି ।

ଏବଂ

- ମହିଳା ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ରେ ଆଜି ମୁହାଁମୁହିଁ ହେବେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା

---

## ପିଏମ୍-ମାଳଦୀପ

ଭାରତ ଏବଂ ମାଳଦ୍ୱୀପର ସଂପର୍କ ବହୁ ପୁରୁଣା ଏବଂ ଭାରତ ମାଳଦ୍ୱୀପର ସବୁଠାରୁ ନିକଟତର ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି । ଆଜି ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ମାଳଦ୍ୱୀପର ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୋଇଜ୍ଜୁ ଙ୍କ ସହ ସାକ୍ଷାତ ଆଲୋଚନା କରିବା ପରେ ଏହା କହିଛନ୍ତି । ସେ କହିଛନ୍ତି ମାଳଦ୍ୱୀପ ଭାରତର ଏକ ଘନିଷ୍ଠ ପଡ଼ୋଶୀ ଏବଂ ମିତ୍ର ଦେଶ । ଭାରତ ମାଳଦ୍ୱୀପ ପାଇଁ ସବୁବେଳେ ସହଯୋଗର ହାତ ବଢ଼ାଇ ଆସିଛି । ମାଳଦ୍ୱୀପ ଲୋକଙ୍କର ଆବଶ୍ୟକତା ହେଉ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ହେଉ, ସବୁ ସମୟରେ ଭାରତ ପ୍ରଥମେ ପଡ଼ୋଶୀ ନୀତି ଅମଲମ୍ବନ କରି ସହଯୋଗ ଯୋଗାଇ ଦେଇଛି । ପାନୀୟ ଜଳ ଯୋଗାଣ ଓ କୋଭିଡ ଟିକା ପ୍ରଦାନ ଭଳି ବିଷୟକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ମାଳଦ୍ୱୀପର ଆବଶ୍ୟକତାକୁ ଲକ୍ଷ୍ୟରେ ରଖି ୪ ଶହ ମିଲିୟନ ଡଲାର ଏବଂ ୩ ହଜାର କୋଟି ଟଙ୍କାର ମୁଦ୍ରା ବିନିମୟ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ।

## ଅମିତଶାହା-ବାମପନ୍ଥୀ ବୈଠକ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି କେନ୍ଦ୍ର-ରାଜ୍ୟ ମଧ୍ୟରେ ସୁସମନ୍ୱୟ ଯୋଗୁଁ ଦେଶରୁ ମାଓବାଦ ଶେଷ ହେବାକୁ ଯାଉଛି । ଆଜି ଶ୍ରୀ ଶାହା ନୂଆଦିଲ୍ଲୀରେ ମାଓପ୍ରଭାବିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ସହ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଥିଲେ । ବୈଠକ ପରେ ଶ୍ରୀ ଶାହା କହିଛନ୍ତି ଦେଶର ବିକାଶ କ୍ଷେତ୍ରରେ ମାଓବାଦ ସବୁଠୁ ବଡ଼ ଅନ୍ତରାୟ ପାଲଟିଛି ଏବଂ ଏହା ଦ୍ୱାରା କାହାର କିଛି ଲାଭ ହେଉନାହିଁ । ମାଓବାଦ ସହ ଜଡ଼ିତ ଯୁବକମାନଙ୍କୁ ଅସ୍ତ୍ରଶସ୍ତ୍ର ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଶ୍ରୀ ଶାହା ଆହ୍ୱାନ ଦେଇଛନ୍ତି । ଏହି

ବୈଠକରେ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ତେଲଙ୍ଗାନା, ଓଡ଼ିଶା, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ । ବୈଠକ ପୂର୍ବରୁ ଗୃହମନ୍ତ୍ରଣାଳୟ କହିଥିଲା କେନ୍ଦ୍ର ସରକାର ୨୦୨୬ ସୁଦ୍ଧା ବାମପନ୍ଥୀ ଉଗ୍ରବାଦ ସଂପୂର୍ଣ୍ଣ ଭାବେ ମୂଳୋତ୍ପାଟନ କରାଯିବ। ଏହାଛଡ଼ା କେନ୍ଦ୍ର ସରକାର ମାଓ ସମସ୍ୟା ସହ ମୁକାବିଲା କରୁଥିବା ରାଜ୍ୟମାନଙ୍କୁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେବ ବୋଲି କୁହାଯାଇଥିଲା । ମନ୍ତ୍ରଣାଳୟ କହିଛି, ନରେନ୍ଦ୍ର ମୋଦୀ ସରକାରଙ୍କ ରଣନୀତି ଯୋଗୁଁ ମାଓ ସଂପର୍କିତ ହିଂସାରେ ୭୨ ପ୍ରତିଶତ ହ୍ରାସ ପାଇଛି ।

## ପ୍ରଧାନମନ୍ତ୍ରୀ-ନବରାତ୍ରି

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନବରାତ୍ରିର ପଞ୍ଚମ ଦିନରେ ଦେବୀ ସ୍କନ୍ଦମାତାଙ୍କ ପୂଜାର୍ଚ୍ଚନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ମାଆ ସୁଖଦାୟିନୀ-ମୋକ୍ଷଦାୟିନୀ ଆଶୀର୍ବାଦ କରନ୍ତୁ ବୋଲି କହିଛନ୍ତି । ପ୍ରଧାନମନ୍ତ୍ରୀ ଏହି ଅବସରରେ ଏକ ଗର୍ବା ଗୀତ ପୋଷ୍ଟ କରିଛନ୍ତି ।

## ଶାହା-ମୋଦୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ପଦବୀରେ ଆଜି ୨୩ ବର୍ଷ ପୂରଣ କରିଥିବାରୁ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶୁଭେଚ୍ଛା ଜଣାଇଛନ୍ତି । ଶ୍ରୀ ଶାହା କହିଛନ୍ତି ଶ୍ରୀ ମୋଦୀଙ୍କ ଏହି ଦୀର୍ଘଯାତ୍ରା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟକ ହୋଇଛି । ଶ୍ରୀ ମୋଦୀ ୨୩ ବର୍ଷ ପୂର୍ବେ ଆଜିର ଦିନରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ପରେ ସେ ଭାରତର ପ୍ରଧାନମନ୍ତ୍ରୀ ଭାବେ ୨୦୧୪ ମସିହାରୁ କାର୍ଯ୍ୟକରି ଆସୁଛନ୍ତି ।

ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସ୍ୱରାଷ୍ଟ୍ରମନ୍ତ୍ରୀ କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହି ଦୀର୍ଘସମୟର ଯାତ୍ରା ରାଷ୍ଟ୍ରହିତ ଏବଂ ଜନକଲ୍ୟାଣ ପ୍ରତି ସମର୍ପଣର ପ୍ରତୀକ । ଶ୍ରୀ ଶାହା କହିଛନ୍ତି ଶ୍ରୀ ମୋଦୀ ଏକ ସମୟରେ ଗରିବଙ୍କ କଲ୍ୟାଣ, ଦେଶର ସୁରକ୍ଷା , ବିକାଶ ଏବଂ ବିଶ୍ୱସ୍ତରରେ ଭାରତର ପରିଚୟ ସାବ୍ୟସ୍ତ କରିବା କ୍ଷେତ୍ରରେ ସଫଳତା ହାସଲ କରିଛନ୍ତି । ସମସ୍ୟାଗୁଡ଼ିକୁ ଅଲଗା ଭାବରେ ନ ଦେଖି ଶ୍ରୀ ମୋଦୀ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେଇଛନ୍ତି । ଶ୍ରୀ ଶାହା କହିଛନ୍ତି ଏହା ତାଙ୍କ ପାଇଁ ସୌଭାଗ୍ୟର କଥା ଯେ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୀର୍ଘଯାତ୍ରାର ସାକ୍ଷୀ ଅଟନ୍ତି ।

## ପୋଲ୍ - କାଉଣ୍ଟିଂ

ହରିୟାଣା ଏବଂ ଜମ୍ମୁ-କାଶ୍ମୀର ବିଧାନସଭା ନିର୍ବଚନ ଭୋଟ୍ ଗଣତି ଆସନ୍ତାକାଲି ଅନୁଷ୍ଠିତ ହେବ । ହରିୟାଣାର ମୁଖ୍ୟ ନିର୍ବାଚନ ଅଧିକାରୀ ପଙ୍କଜ ଅଗ୍ରୱାଲ୍ କହିଛନ୍ତି, ୯୦ଟି ବିଧାନସଭା ମଣ୍ଡଳୀ ପାଇଁ ନିଆଯାଇଥିବା ମତର ଗଣତି ୨୨ଟି ଜିଲ୍ଲା ମୁଖ୍ୟାଳୟରେ ଖୋଲାଯାଇଥିବା ୯୦ କେନ୍ଦ୍ରରେ ଗଣତି କରାଯିବ । ଇ.ଭି.ଏମ୍.ଗୁଡ଼ିକୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ରଖାଯିବା ସହ ସବୁ ଷ୍ଟ୍ରଙ୍ଗ୍‌ରୁମ୍‌ରେ ସି.ସି.ଟି.ଭି. ବ୍ୟବସ୍ଥା କରାଯାଇଛି ବୋଲି ଶ୍ରୀ ଅଗ୍ରୱାଲ୍ କହିଛନ୍ତି । ମତଗ୍ରହଣ ପରେ ଇ.ଭି.ଏମ୍. ଏବଂ ଭି.ଭି.ପାଟ୍ ମେସିନ୍‌ଗୁଡ଼ିକୁ ଷ୍ଟ୍ରଙ୍ଗ୍‌ରୁମ୍‌ରେ ରଖାଯିବା ସହ ସେଗୁଡ଼ିକୁ ସିଲ୍ କରିଦିଆଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

ସେହିଭଳି ଜମ୍ମୁ-କାଶ୍ମୀରରେ ଆସନ୍ତାକାଲିର ଭୋଟ୍‌ଗଣତିପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆମ ଶ୍ରୀନଗର ସମ୍ବାଦଦାଦତା ଜଣାଇଛନ୍ତି, ତିନି ପର୍ଯ୍ୟାୟରେ ଅନୁଷ୍ଠିତ ମତଗ୍ରହଣରେ ୮୭୩ ଜଣ

ପ୍ରାର୍ଥୀଙ୍କର ରାଜନୈତିକ ଭାଗ୍ୟ ଇ.ଭି.ଏମ୍.ରେ ସିଲ୍ ହୋଇ ରହିଛି । ଜମ୍ମୁ-କାଶ୍ମୀର ମୁଖ୍ୟ ନିର୍ବାଚନ ଅଧିକାରୀ ପାଣ୍ଡରଙ୍ଗା କେ. ପୋଲେ କହିଛନ୍ତି, ଭୋଟ୍‌ଗଣତି ପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ସୂଚନାଯୋଗ୍ୟ, ୨୦୧୯ରେ ଧାରା ୩୭୦ ଏବଂ ୩୫(କ) ଉଚ୍ଛେଦ ପରେ ଜମ୍ମୁ-କାଶ୍ମୀରରେ ଏହା ହେଉଛି ପ୍ରଥମ ବିଧାନସଭା ନିର୍ବାଚନ ।

# ଏମ୍‌ଓଏସ୍ ମୁର୍ଗାନ

କେନ୍ଦ୍ର ସୂଚନା ଓ ପ୍ରସାରଣ ଏବଂ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ୍ ଗତକାଲି ଚେନ୍ନାଇ ଏୟାର ଶୋ'ରେ ଅବ୍ୟବସ୍ଥା ଲାଗି ଡିଏମ୍‌କେ ସରକାରକୁ ସମାଲୋଚନା କରିଛନ୍ତି । ସେ କହିଛନ୍ତି ରାଜ୍ୟ ସରକାର ବାୟୁସେନା ସହ ସଠିକ୍ ସମନ୍ୱୟ ରଖି ନଥିଲେ । ରାଜ୍ୟରେ ବୃଦ୍ଧି ପାଉଥିବା ନିଶାଦ୍ରବ୍ୟ କାରବାର ପାଇଁ ମଧ୍ୟ ଡକ୍ଟର ମୁରୁଗାନ୍ ଡିଏମ୍‌କେ ସରକାରକୁ ସମାଲୋଚନା କରିଛନ୍ତି।

# ଏୟାର ଶୋ-ଡେଥ୍

ତାମିଲନାଡୁର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରୀ ଏମ୍. ସୁବ୍ରମଣ୍ୟମ୍ କହିଛନ୍ତି ଗତକାଲି ଚେନ୍ନାଇରେ ଏୟାର ଶୋ' ଦେଖିବା ପାଇଁ ଆସିଥିବା ୫ ଜଣ ଦର୍ଶକଙ୍କୁ ମୃତ ଅବସ୍ଥାରେ ହସ୍ପିଟାଲ ଅଣାଯାଇଥିଲା । ଆଜି ସମ୍ବାଦଦାତାମାନଙ୍କ ସହ କଥାବାର୍ତ୍ତା ବେଳେ ସେ କହିଛନ୍ତି ଅତ୍ୟଧିକ ଗରମ ଅନୁଭୂତ ହେବା ଯୋଗୁଁ ସେମାନଙ୍କର ମୃତ୍ୟୁ ହୋଇଛି । ସେ କହିଛନ୍ତି ଏୟାର ଶୋ' ସମୟରେ କୌଣସି ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାର ମୁକାବିଲା ନିମନ୍ତେ ଚିକିତ୍ସକ ଦଳ ମୁତୟନ କରାଯାଇଥିଲା । ଏହାଛଡ଼ା ୪୦ଟି ଆମ୍ବୁଲାନ୍ସ ଏବଂ ପାରାମେଡ଼ିକାଲ ଟିମ୍ ମଧ୍ୟ ପ୍ରସ୍ତୁତ ରହିଥିଲେ ।

ତେବେ ୫ଜଣ ଦର୍ଶକଙ୍କ ମୃତ୍ୟୁ ଘଟଣାରେ ମନ୍ତ୍ରୀ ଶ୍ରୀ ସୁବ୍ରମଣ୍ୟମ୍ ଦୁଃଖ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଏୟାରଶୋ’ ପୂର୍ବରୁ ବାୟୁସେନା ପକ୍ଷରୁ ଲୋକମାନଙ୍କୁ ଛତା, ଟୋପି ଏବଂ ପାଣି ଆଣିବା ଲାଗି ଅପିଲ୍ କରାଯାଇଥିଲା ।

---

# ଲାଲୁ ଯାଦବ-ଜାମିନ

ଜମି ବଦଳରେ ଚାକିରି ସଂପର୍କିତ ମାମଲାରେ ଦିଲ୍ଲୀର ଏକ ଅଦାଲତ ରାଷ୍ଟ୍ରୀୟ ଜନତା ଦଳ ମୁଖ୍ୟ ତଥା ପୂର୍ବତନ ରେଳମନ୍ତ୍ରୀ ଲାଲୁପ୍ରସାଦ ଯାଦବ ଏବଂ ତାଙ୍କ ପୁଅ ତେଜସ୍ୱୀ ଯାଦବ ଓ ତେଜ୍ ପ୍ରତାପ ଯାଦବଙ୍କୁ ଜାମିନ ପ୍ରଦାନ କରିଛନ୍ତି । ମାମଲାରେ କୋର୍ଟ କହିଛନ୍ତି ସେମାନଙ୍କୁ ଗିରଫ ନ କରି ଅଭିଯୋଗପତ୍ର ଦାଖଲ କରାଯାଇଥିଲା । ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ବ୍ୟକ୍ତିଗତ ମୁଚାଲିକାରେ ଜାମିନ ପ୍ରଦାନ କରାଯାଇଛି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୨୫ ତାରିଖରେ ହେବ । ଜାମିନ ପ୍ରଦାନ କରି ଅଦାଲତ ସମସ୍ତ ଅଭିଯୁକ୍ତଙ୍କୁ ପାସ୍‌ପୋର୍ଟ ଜମା କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

ଅଦାଲତଙ୍କ ପକ୍ଷରୁ ଗତମାସ ୧୮ ତାରିଖରେ ଲାଲୁ ଯାଦବଙ୍କୁ ସମନ ପଠାଯାଇଥିବା ବେଳେ ଅନ୍ୟ ଅଭିଯୁକ୍ତମାନଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦ୍ୱାରା ଦିଆଯାଇଥିବା ଅଭିଯୋଗପତ୍ର ସମୀକ୍ଷା କରିବା ପରେ ସମନ ପଠାଯାଇଥିଲା । ୨୦୦୪ରୁ ୨୦୦୯ ମସିହା ମଧ୍ୟରେ ରେଳମନ୍ତ୍ରୀ ଥିବା ଲାଲୁପ୍ରସାଦ ଯାଦବଙ୍କ କାର୍ଯ୍ୟକାଳ ସମୟରେ ମଧ୍ୟପ୍ରଦେଶର ଜବଲପୁର ଅନ୍ତର୍ଗତ ପଶ୍ଚିମ-ମଧ୍ୟ ରେଳମଣ୍ଡଳରେ ହୋଇଥିବା ନିଯୁକ୍ତି ସହ ଏହି ମାମଲା ସଂପର୍କିତ । ଇଡି ରିପୋର୍ଟ ଅନୁଯାୟୀ ଚାକିରି ବଦଳରେ

ଲାଲୁପ୍ରସାଦ ଯାଦବଙ୍କ ପରିବାର ଓ ସହଯୋଗୀମାନଙ୍କୁ ଜମି ଉପହାର ଦିଆଯାଇଥିଲା ।

## ଶ୍ରୀଲଙ୍କା-ସେନ୍ସେସ୍

ଶ୍ରୀଲଙ୍କାରେ ଆଜିଠାରୁ ପଞ୍ଚଦର୍ଶ ଜନଗଣନା ଆରମ୍ଭ ହେଉଛି । ଏଥିଲାଗି ବ୍ୟକ୍ତିଗତ ଏବଂ ବାସଗୃହ ସମ୍ବନ୍ଧୀୟ ସୂଚନା ସଂଗ୍ରହ କରାଯାଉଛି । ସେଠାକାର ଜନଗଣନା ଏବଂ ପରିସଂଖ୍ୟାନ ବିଭାଗର ମହାନିର୍ଦ୍ଦେଶକ ଅନୁଜା ସେନାବୀରତ୍ନା କହିଛନ୍ତି ଜନଗଣନା ଅଧିକାରୀମାନେ ସଂପୂର୍ଣ୍ଣ ତଥ୍ୟ ହାସଲ କରିବା ଲାଗି ଦେଶର ସମସ୍ତ ଘର ପରିଦର୍ଶନ କରିବେ। ପାଖାପାଖି ୫୦ ହଜାରରୁ ଅଧିକ ଅଧିକାରୀ ଏହି ଜନଗଣନା ପ୍ରକ୍ରିୟାରେ ସାମିଲ ହେବେ । ଶ୍ରୀଲଙ୍କାରେ ପ୍ରତ୍ୟେକ ୧୦ବର୍ଷରେ ଜନଗଣନା କାର୍ଯ୍ୟ କରାଯାଇଥାଏ। ତେବେ କୋଭିଡ ମହାମାରୀ ଓ ଆର୍ଥିକ ସଂକଟ ଯୋଗୁଁ ଏହି ପ୍ରକ୍ରିୟାରେ ବିଳମ୍ବ ଘଟିଛି ।

## ଦକ୍ଷିଣ କୋରିଆ-ଫିଲିପାଇନ୍ସ ବୁଝାମଣା

ସୁରକ୍ଷା, ଅର୍ଥ ବ୍ୟବସ୍ଥା, ଶକ୍ତି ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସହଯୋଗ ବୃଦ୍ଧି ନିମନ୍ତେ ରଣନୈତିକ ଭାଗିଦାରୀକୁ ଉଭୟ ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁ ସୁକ ୟେଓଲ ଏବଂ ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନେଣ୍ଟ ମାର୍କୋସ୍ ଜୁନିଅର ସମର୍ଥନ କରିଛନ୍ତି । ଦକ୍ଷିଣ କୋରିଆ ରାଷ୍ଟ୍ରପତି ଫିଲିପାଇନ୍ସ ଗସ୍ତରେ ଯାଇଥିବା ବେଳେ ଏ ସଂପର୍କିତ ବୁଝାମଣା ହୋଇଛି। ଉଭୟ ନେତା ଫିଲିପାଇନ୍ସର ସେନା ଅଧୁନିକୀକରଣ, ଭିତ୍ତିଭୂମି ନିର୍ମାଣ, ପରମାଣୁଶକ୍ତି, ଡିଜିଟାଲ ପରିବର୍ତ୍ତନ ଏବଂ ମହତ୍ୱପୂର୍ଣ୍ଣ ଖଣିଜ ସଂପଦର ଶୃଙ୍ଖଳିତ ବ୍ୟବହାର ଦିଗରେ ଉଭୟ ଦେଶ ମିଳିତ ଭାବେ କାର୍ଯ୍ୟ କରିବାକୁ ନିଷ୍ପତ୍ତି

ହୋଇଛି । ଦକ୍ଷିଣ କୋରିଆରେ ଫିଲିପାଇନ୍ସର ଶ୍ରମିକମାନଙ୍କୁ ଲାଭ ଦେବା ଉଦ୍ଦେଶ୍ୟରେ ରୋଜଗାର ପରମିଟ୍ ବ୍ୟବସ୍ଥା କ୍ଷେତ୍ରରେ ସୁଧାର ଆଣିବା ଲାଗି ଆଲୋଚନା ହୋଇଛି ।

---

## ଇସ୍ରାଏଲ୍ ଆଲର୍ଟ

ଇସ୍ରାଏଲ୍ ଉପରେ ହମାସ୍ ଆକ୍ରମଣକୁ ଆଜି ଏକବର୍ଷ ପୂର୍ଣ୍ଣ ହୋଇଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ଇସ୍ରାଏଲ୍ ପକ୍ଷରୁ ହାଇ ଆଲର୍ଟ ଜାରି କରାଯାଇଛି । ଇସ୍ରାଏଲ୍ ପ୍ରତିରକ୍ଷା ବାହିନୀ – ଆଇ.ଡି.ଏଫ୍. କହିଛି, ଗାଜାରୁ ଅଧିକ ଦୂରତ୍ୱ ପର୍ଯ୍ୟନ୍ତ ଯାଇପାରୁଥିବା ରକେଟ୍ ତଥା ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ରର ବ୍ୟବହାର ଆଶଙ୍କାକୁ ଦୃଷ୍ଟିରେ ରଖି ଇସ୍ରାଏଲ୍ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଗାଜା ନିକଟରେ ଅଧିକ ସୈନ୍ୟ ମୁତୟନ କରାଯାଇଛି । ଇସ୍ରାଏଲ୍ର ବୀରସେବାସ୍ଥିତ ଏକ ବସ୍ଷ୍ଟାଣ୍ଡରେ ଜଣେ ବନ୍ଧୁକଧାରୀଙ୍କ ଗୁଳିଚାଳନାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବାବେଳେ ୧୦ ଜଣ ଆହତ ହୋଇଥିଲେ ।

ସୁରକ୍ଷା କର୍ମୀଙ୍କ ପାଲଟା ଗୁଳିମାଡ଼ରେ ବେଦୁଇନ୍ ସଂଖ୍ୟାଲଘୁ ସଦସ୍ୟ ଥିବା ଏହି ବନ୍ଧୁକଧାରୀ ନିହତ ହୋଇଥିଲା । ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ଉତ୍ତର ସୀମା ନିକଟବର୍ତ୍ତୀ ହିଜ୍ବୁଲ୍ଲାର ଦୃଢ଼ ନିୟନ୍ତ୍ରଣରେ ଥିବା ଅଞ୍ଚଳଠାରୁ କିଛି ମିଟର ଦୂରତାରେ ଥିବା ଇସ୍ରାଏଲ୍ ସୈନ୍ୟଙ୍କୁ ଭେଟିଥିଲେ । ସୈନିକଙ୍କ ପ୍ରୟାସ ଏବଂ ସାମର୍ଥ୍ୟକୁ ସେ ଉଚ୍ଚ ପ୍ରସଂଶା କରିବା ସହ ସେମାନଙ୍କୁ ପ୍ରୋତ୍ସାହିତ କରିଥିଲେ ।

ସୈନିକଙ୍କୁ ସମ୍ବୋଧନ କରି ଆଇ.ଡି.ଏଫ୍. ମୁଖ୍ୟ ଲେଫ୍ଟନାଣ୍ଟ ଜେନେରାଲ ହାଜି ହାଲେଭି କହିଛନ୍ତି, ଇସ୍ରାଏଲ୍ ସେନା ହମାସ ଏବଂ ହିଜିବୁଲ୍ଲା ବିରୋଧରେ ସଫଳ ପଦକ୍ଷେପ ନେଇଛି । ଗତବର୍ଷ ଅକ୍ଟୋବର ୭

ତାରିଖରେ ସୁରକ୍ଷା ବିଫଳତାକୁ ସେ ସ୍ୱୀକାର କରିବା ସହ ଏହାର ଦୃଢ଼ ପ୍ରତ୍ୟୁତ୍ତର ଦେବାରେ ଇସ୍ରାଏଲ୍ ସଫଳ ହୋଇଛି ବୋଲି କହିଛନ୍ତି ।

## ଓ୍ୱିମେନ୍ସ କ୍ରିକେଟ୍

ମହିଳା ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ରେ ଆଜି ସନ୍ଧ୍ୟାରେ ଗ୍ରୁପ୍-ବି ର ଏକ ମ୍ୟାଚ୍‌ରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମୁହାଁମୁହିଁ ହେବେ । ଭାରତୀୟ ସମୟ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ମ୍ୟାଚ୍ ଆରମ୍ଭ ହେବ ।

ଗତକାଲି ଦୁବାଇରେ ଅନୁଷ୍ଠିତ ମ୍ୟାଚ୍‌ରେ ଭାରତୀୟ ମହିଳା ଟିମ୍ ପାକିସ୍ତାନକୁ ୬ ଓ୍ୱିକେଟ୍‌ରେ ପରାସ୍ତ କରିଛି । ୧୦୬ରନ୍‌ର ପିଛା କରି ଭାରତୀୟ ଦଳ ୭ଟି ବଲ୍ ବାକିଥାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଅରୁନ୍ଧତୀ ରେଡ୍ଡୀ ୩ଟି ଓ୍ୱିକେଟ୍ ଅକ୍ତିଆର କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ଆସନ୍ତା ବୁଧବାର ଭାରତ ଶ୍ରୀଲଙ୍କା ବିପକ୍ଷରେ ମ୍ୟାଚ୍ ଖେଳିବାକୁ ଥିବା ବେଳେ ରବିବାର ଦିନ ଅଷ୍ଟ୍ରେଲିଆ ବିପକ୍ଷରେ ମ୍ୟାଚ୍ ଖେଳିବ ।